

# ସିଟି କଟକ

## ସାମ୍ବାଦିକଙ୍କ ନିଆରା ପ୍ରତିବାଦ

# ଝାଡୁ ଧରି ରାସ୍ତାରୁ କାଢ଼ିଲେ ବାଲି

**କଟକ,୧୩।୧(ସମିସ):** ରାଜରାସ୍ତାଠାରୁ ଆରମ୍ଭ କରି ଗଳି ରାସ୍ତାରେ କୁଢ କୁଢ ବାଲି ଗଦା ହୋଇ ରହିବା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ବିଭିନ୍ନ ଠିକାଦାର ଓ ଘର ମାଲିକମାନେ ରାସ୍ତା କଡ଼ରେ ବାଲି ଗଦା କରୁଛନ୍ତି। ହାଇକୋର୍ଟ ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମକୁ ଏହି ବାଲିଗୁଡ଼ିକ ରାସ୍ତା କଡ଼ରୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ଆଦୌ କାର୍ଯ୍ୟକାରୀ ହୋଇନାହିଁ। ଏହି କାରଣରୁ ଦୁର୍ଘଟଣା ଘଟି ଜଣେ ମହିଳା ସାମ୍ବାଦିକାଙ୍କ ସହିତ ଅନ୍ୟ ଜଣେ ଜଣଙ୍କର ନିକଟ ଅତୀତରେ ପ୍ରାଣହାନି ଘଟିଛି। ଏହି ଦୃଷ୍ଟିରୁ କଟକର ସାମ୍ବାଦିକମାନେ ଏକ ନିଆରା ପ୍ରତିବାଦ କରିଛନ୍ତି। ସିଡିଏ ସେକ୍ଟର-୬ ନିକଟ ବାଲିଘାଟ ଗଡା ନିକଟରେ ମୁଖ୍ୟରାସ୍ତା ଉପରୁ ବାଲିକୁ ସଫା କରିବା ପାଇଁ ଆଜି ସକାଳୁ କଟକର ସାମ୍ବାଦିକମାନେ କୋଡ଼ି, କୋଦାଳ ଓ ଝାଡୁ ଧରି ପହଞ୍ଚିଥିଲେ। ସାମ୍ବାଦିକ ଦୀପକ ଷଡ଼ଙ୍ଗୀ, ଅଜୟ ଦାସ, ଜୟ ମହାନ୍ତି, ଜଗନ୍ନାଥ ମହାନ୍ତି, କୀରଣ କାନୁନଗୋ, ଜିତେନ୍ଦ୍ର ପ୍ରସାଦ ସେଠୀ, ବିକାଶ ଶର୍ମା, ବଳରାମ ନାୟକ, ଶକ୍ତି ପଣ୍ଡା, ଦ୍ୱିବେନ୍ଦୁ ମିଶ୍ର, ପ୍ରିୟବ୍ରତ ପଟ୍ଟନାୟକ, ଶୁଭ୍ରାଂଶୁ ମହାରଣା, ସିଦ୍ଧେଶ୍ୱର ରାଉଳ, ସନ୍ତୋଷ, ଜ୍ଞାନରଞ୍ଜନ ବେହେରା, ଦୁର୍ଗାମାଧବ ପଟ୍ଟନାୟକ ଓ ଲଳିତ ଦାସ ରାସ୍ତାରୁ ବାଲି ସଫେଇ କରିଥିଲେ।



## କଣ୍ଠଶିଳ୍ପୀ ହ୍ୟୁମାନଙ୍କ ମୃତ୍ୟୁ ଘଟଣା

# ଅର୍ପିତା ଓ ସୋମେଶଙ୍କୁ ମାରାଥନ୍ ଜେରା



**୭ ଦିନ ଭିତରେ ସମସ୍ତ ଆର୍ଥିକ କାରବାର ତଥ୍ୟ ପୁଲିସକୁ ଦେବାକୁ ନିର୍ଦ୍ଦେଶ**

**ସୋମେଶ ଓ ଅର୍ପିତାଙ୍କୁ ଅନ୍ତରୀଣ ସୁରକ୍ଷା ପରେ ଆକ୍ସନ୍ ମୋଡ୍‌ରେ କମିସନରେଟ୍ ପୁଲିସ**

**ମ୍ୟାନେଜର୍ ଦୀନେଶଙ୍କୁ ଅଢ଼େଇ ଘଣ୍ଟା ଧରି ପଚରାଉଚରା**



**କଟକ,୧୩।୧(ସମିସ):** କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ସଂଗୀତ ନିର୍ଦ୍ଦେଶକ ସୋମେଶ ଶତପଥୀ ଓ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିବା ପରେ ଆକ୍ସନ୍-ମୋଡ୍‌କୁ ଆସିଛି କମିସନରେଟ୍ ପୁଲିସ। ଆଜି ଜୋନ୍-୩ ଏସିପି ଅନନ୍ୟା ଅଗସ୍ତୀ ଉଭୟ ସୋମେଶ ଓ ଅର୍ପିତାଙ୍କୁ ମାରାଥନ୍ ଜେରା କରିଛନ୍ତି। ହ୍ୟୁମାନଙ୍କ ସ୍ଥାୟୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍ସ, ବୀମା, ଲୋନ୍, କିସ୍ତି ଆଦି ବିଷୟରେ ପଚରାଉଚରା କରାଯାଇଥିବା ବେଳେ ହ୍ୟୁମାନ୍ କରିଥିବା ଚୁକ୍ତି, ନେଇଥିବା ଅଗ୍ରୀମ, ଫେରା ଯାଇଥିବା ଅର୍ଥ ସହ ଷ୍ଟୁଡିଓ ଓ ପ୍ରଡକ୍ସନ ସଂସ୍ଥା ପାଉଣାକୁ ନେଇ ଅଢ଼େଇ ଘଣ୍ଟା ଧରି ମ୍ୟାନେଜର୍ ଦୀନେଶଙ୍କୁ ପ୍ରଶ୍ନ କରାଯାଇଥିବା ଏସିପି ଅନନ୍ୟା ଅଗସ୍ତୀ ସୂଚନା ଦେଇଛନ୍ତି। ହ୍ୟୁମାନ୍‌ଙ୍କ ମୋବାଇଲ୍, ଲାପ୍‌ଟପ, ଟ୍ୟାବ୍ ଓ ସିମ୍‌ର ଫରେନ୍‌ସିକ ଯାଞ୍ଚ କରାଯାଇଛି। ଏପର୍ଯ୍ୟନ୍ତ ରିପୋର୍ଟ ପୁଲିସର ହସ୍ତଗତ ହୋଇନଥିବା ଜଣାପଡ଼ିଛି। ମୃତ ହ୍ୟୁମାନଙ୍କ ସମସ୍ତ କଲ୍ ରେକର୍ଡକୁ ପୁଲିସ ଅନୁଧାନ କରୁଥିବା ବେଳେ ହ୍ୱାର୍ଟସଆପ୍ ଚାଟ୍‌ରୁ ତଥ୍ୟ ରିଟ୍ରାଇଭ୍ ସହ ଇମେଲ୍‌କୁ ତଦନ୍ତ ପରିସରକୁ ଅଣାଯାଇଛି। ଖୁବଶୀଘ୍ର ସମ୍ପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ୍ କରାଯିବ ବୋଲି ଡିସିପି ଖିଲାରୀ ଋଷିକେଶ୍ ଦ୍ୟାନଦେଓ ସୂଚନା ଦେଇଛନ୍ତି।

କଣ୍ଠଶିଳ୍ପୀ ତଥା ପ୍ରେମିକା ଅର୍ପିତାଙ୍କ ସହିତ ରହିଥିବା ସମ୍ପର୍କ, ହ୍ୟୁମାନ୍‌ଙ୍କଠାରୁ ଅର୍ପିତା କେତେ ଟଙ୍କା କ୍ୟାସ୍ ଓ ଅନଲାଇନ୍‌ରେ ନେଇଛନ୍ତି? ହ୍ୟୁମାନଙ୍କୁ ସିଡିଏ ସେକ୍ଟର-୬ରେ ଥିବା ଘରକୁ ଅର୍ପିତା ୭ଦିନରେ କେତେ ଥର ଆସନ୍ତି? ଏଭଳି ଭାବେ ଏକାଧିକ ଦିଗକୁ ନେଇ ପୁଲିସ ତର୍ଜମା କରୁଛି। ଅର୍ପିତାଙ୍କ କାର୍ କିଣା ଏବଂ ଭୁବନେଶ୍ୱରରେ ଫ୍ଲାଟ୍ କିଣା ବାବଦରେ ଖର୍ଚ୍ଚ ହୋଇଥିବା ସମସ୍ତ ଟଙ୍କା ହ୍ୟୁମାନ ସାଗର ଦେଇଥିବାର ପ୍ରମାଣ ଖୋଜୁଛି ପୁଲିସ। ହାଇକୋର୍ଟ ଅନ୍ତରୀଣ ଜାମିନ୍ ପ୍ରଦାନ କରିବା ପରେ ପୁଲିସ ଏବେ ତଦନ୍ତକୁ ଜୋରଦାର୍ କରିବା ସହିତ ତଦନ୍ତରେ ଆବଶ୍ୟକ ସମସ୍ତ କାଗଜପତ୍ର ଜୋଗାଡ଼ କରୁଛି।

ଅନ୍ୟପଟେ ଭୁବନେଶ୍ୱରରେ ସୋମେଶ ଶତପଥୀ କରିଥିବା ଷ୍ଟୁଡ଼ିଓରେ ହ୍ୟୁମାନଙ୍କ ଟଙ୍କା ଖର୍ଚ୍ଚ କରାଯାଇଛି। ସୋମେଶ ହ୍ୟୁମାନଙ୍କଠାରୁ ଟଙ୍କା ନେଇଥିବା ତାଙ୍କ ମା' ଶେଫାଳୀ ଅଭିଯୋଗ ଆଣିଥିଲେ। ଉଭୟ ଅର୍ପିତା ଓ ସୋମେଶ୍ ହ୍ୟୁମାନଙ୍କଠାରୁ ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା ନେଇ ଆଉ ଫେରାଇ ନାହାନ୍ତି। ହ୍ୟୁମାନ ଅର୍ପିତାଙ୍କୁ ବାହା ହେବାକୁ ଚାହୁଁଥିଲେ। ଯେଉଁ ଦିନ ହ୍ୟୁମାନ କୋର୍ଟ ମ୍ୟାରେଜ୍ କରିବାକୁ କହିଥିଲେ, ସେହିଦିନଠାରୁ ଅର୍ପିତା ହ୍ୟୁମାନଙ୍କ ସହିତ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ କରିଥିଲେ। ଏହାପରଠାରୁ ଦୀର୍ଘ ୩ରୁ ୪ମାସ ହେବ ହ୍ୟୁମାନ ଦିନ/ରାତି ପ୍ରଚୁର ମଦ୍ୟପାନ କରୁଥିଲେ। କେବଳ ଟଙ୍କା ପାଇଁ ଅର୍ପିତା ଓ ସୋମେଶ ହ୍ୟୁମାନ ସାଗରଙ୍କୁ ଇମୋସନାଲ୍ ବ୍ଲାକମେଲିଂ କରିଥିବା ଶେଫାଳୀ ଅଭିଯୋଗ ଆଣିଥିଲେ।



## ଆଜି ମକର ସଂକ୍ରାନ୍ତି

# କଟକ ଆକାଶରେ ଉଡ଼ିବ ମାଳ ମାଳ ରଂଗୀନ ଗୁଡ଼ି

ପାରା ଉଡ଼ାଇବା ଆଉ ଗୁଡ଼ି ଉଡ଼ାଇବା କଟକିଆ ପ୍ରଥମ ସଉକ। ନଦୀ ବାଲି ହେଉ କି ଛାତ ଉପରେ.. ଏମାନେ ନଟେଇ ଧରିବାର ପରମ୍ପରା ବହୁ ପ୍ରାଚୀନ। ମକର ସଂକ୍ରାନ୍ତି ସର୍ବଭାରତୀୟ ପର୍ବ ହୋଇଥିଲେ ମଧ୍ୟ ରୌପ୍ୟନଗରୀରେ କଟକିଆ'ଏହାକୁ ନିଆରା ଢଙ୍ଗରେ ପାଳନ କରନ୍ତି..

**କଟକ,୧୩।୧(ସମିସ):**

ମକରସଂକ୍ରାନ୍ତି ହେଉଛି ଗୁଡ଼ି ଉଡ଼ାର ପ୍ରମୁଖ ପର୍ବ। ପୂର୍ବଦିନ ଗୁଡ଼ିକ ଅପେକ୍ଷା ମକର ସଂକ୍ରାନ୍ତିରେ କଟକ ସହରର ଆକାଶରେ ମାଳ ମାଳ ରଂଗୀନ ଗୁଡି ଉଡିବା ଦେଖିବାକୁ ମିଳିଥାଏ। ଯଦିଓ ଗୁଡ଼ି ଉଡାଇବା ପାଇଁ ବ୍ୟବହୃତ ମାଞ୍ଜାସୂତା ଉପରେ ପ୍ରଶାସନ କଟକଣା ଲଗାଇଛି, ଗୁଡ଼ି ଉଡାକୁ ପରମ୍ପରା ଭାବେ ମାନି ଆସୁଥିବା କଟକବାସୀ ଆଜି ସ୍ୱତନ୍ତ୍ର ଭାବେ ଗୁଡ଼ି ଉଡା ଆରମ୍ଭ କରିବେ। ଗୁଡ଼ି ଓ ସୂତା ବିକ୍ରି ପାଇଁ ସହରର ଚୌଧୁରୀବଜାର, ନନ୍ଦିସାହି, ଝୋଲାସାହି, ପିଠାପୁର ଆଦି ସ୍ଥାନରେ ଦୋକାନ ରହିଛି। ୩ ଟଙ୍କାରୁ ଆରମ୍ଭ କରି ୧୨୦ଟଙ୍କା ପର୍ଯ୍ୟନ୍ତ କାଗଜ ଓ ଜରିଗୁଡିର ଦାମ୍ ରହିଛି। ବିଶେଷକରି ଜରିଗୁଡିରେ ବିଭିନ୍ନ କାର୍ଟୁନ ଚିତ୍ର ରହିଥିବାରୁ ଏହା ପିଲାମାନଙ୍କୁ ଅଧିକମାତ୍ରାରେ ଆକୃଷ୍ଟ କରୁଛି। ପବ୍‌ଜି, ପୋକେମନ୍, ଆପନା ଟାଇମ ଆଏଗା ଭଳି କୋଟେସନ୍ ମଧ୍ୟ ଗୁଡ଼ିରେ ଲେଖାଯାଇଥିବା ଦେଖିବାକୁ ମିଳୁଛି। ସେହିଭଳି କାଠ, ପ୍ଲାଷ୍ଟିକ ଓ ପ୍ଲାଏର ନଟେଇ ବଜାରରେ ବିକ୍ରି ହେଉଛି। ନଟେଇର ମୂଲ୍ୟ ୨୦୦ରୁ ଆରମ୍ଭ କରି ୬୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ଲାଏ ନଟେଇ ସର୍ବାଧିକ ବିକ୍ରି ହେଉଥିବା ବ୍ୟବସାୟୀମାନେ କହିଛନ୍ତି। ପୂର୍ବରୁ ଗୁଡ଼ି ଓ ନଟେଇ ଦିଲ୍ଲୀ, କଲିକତାରୁ ଅଣାଯାଉଥିଲା। ଏବେ କଟକରେ ଏହିସବୁ ତିଆରି ହେଉଛି ବୋଲି ବ୍ୟବସାୟୀମାନେ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଢାବା, ମମ୍‌ଥୋର, ଚିଲ୍, ଚେଙ୍ଗ, ଜରି, କାର୍ଟୁନ, ରେଡିୟମ, ଆଲ୍‌ଗାଇ, ତୋହି ଗୁଡ଼ି'ର ଚାହିଦା ଜୋରଦାର ରହିଛି।



### କାଠଯୋଡ଼ି ଓ ମହାନଦୀ ପଠାରେ ଗୁଡ଼ି ଉଡ଼ା ପ୍ରତିଯୋଗିତା

### ବିଭିନ୍ନ ମନ୍ଦିରରେ ମକର ଚାଉଳ ଭୋଗ

ଅନ୍ୟପଟେ ମକର ସଂକ୍ରାନ୍ତି ବେଳକୁ ନୂଆଫସଲ ଅମଳ ହୋଇଥାଏ। ତେଣୁ ସେଦିନ ନୂଆଧାନରୁ ପ୍ରସ୍ତୁତ ଅପରିପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ, କ୍ଷୀର ଇତ୍ୟାଦି ମିଶାଯାଇ ଗୋଟିଏ ଭୋଗ ପ୍ରସ୍ତୁତ କରି ଗୃହଦେବତାଙ୍କୁ ଭୋଗ ଲଗାଯାଏ। ଏହି ଭୋଗ "ମକର ଚାଉଳ' ଭାବେ ପରିଚିତ। ନୂଆଧାନର ଚାଉଳରେ ପ୍ରସ୍ତୁତ ପୋଡ଼ପିଠା ସହିତ ଗୁଡ, କଦଳୀ, ନଡ଼ିଆ ଓ ଅରୁଆଚାଉଳରେ ଭୋଗ କରାଯାଇ ଦେବାଦେବୀଙ୍କ ପାଖରେ ଦିଆଯାଏ। ସୂର୍ଯ୍ୟଙ୍କୁ ନୂତନ ଶସ୍ୟ ଅର୍ପଣ କରି ଲୋକମାନେ ପୂଜାର୍ଚ୍ଚନା କରିଥା'ନ୍ତି। ସହରର ବିଭିନ୍ନ ମନ୍ଦିରରେ ମକର ଚାଉଳ ଭୋଗ ହେବାର ପରମ୍ପରା ରହି ଆସିଛି। ମକର ସଂକ୍ରାନ୍ତି ଅବସରରେ ସହରର ମନ୍ଦିର ଗୁଡ଼ିକରେ ପ୍ରବଳ ଭିଡ଼ ରହିବ।

# କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ପକ୍ଷରୁ 'ଅପରେସନ୍ ଜୀବନ ରକ୍ଷା'

**କଟକ,୧୩।୧(ସମିସ):** ସଡ଼କ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ଏବଂ ଦୁର୍ଘଟଣା ରୋକିବା ଲକ୍ଷ୍ୟରେ କଟକ କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ପକ୍ଷରୁ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଡ୍ରାଇଭ୍ "ଅପରେସନ୍ ଜୀବନ ରକ୍ଷା' ଆଜି ଅନୁଷ୍ଠିତ ହୋଇଯାଇଛି। ବେପରୁଆ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚଳାଇବା ଏବଂ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମଗ୍ର କେନ୍ଦ୍ରାଞ୍ଚଳରେ ମୋଟ ୧,୪୦୧ଟି ଯାନବାହନ ଯାଞ୍ଚ କରାଯାଇଥିବା ବେଳେ ଏଥିରେ ୧୨ଟି ବସ୍ ଏବଂ ୮ଟି ଭାରୀ ପରିବହନ ଯାନ ସାମିଲ ଥିଲା। ସମୁଦାୟ ୪ଲକ୍ଷ ୭୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପୁରୀ ଜିଲ୍ଲାରେ ସର୍ବାଧିକ ୪୯୫ଟି ଗାଡ଼ି ଯାଞ୍ଚ କରାଯାଇ ୩,୧୨,୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିଭଳି ନୟାଗଡ଼ ଜିଲ୍ଲାରେ ୪୨୫ଟି ଗାଡ଼ି ଯାଞ୍ଚ କରାଯାଇ ୭୯,୦୦୦ ଟଙ୍କା, ଯାଜପୁର ଜିଲ୍ଲାରେ ୧୮୪ଟି ଗାଡ଼ି ଯାଞ୍ଚ କରାଯାଇ ୨୯,୫୦୦ ଟଙ୍କା, କେନ୍ଦ୍ରାପଡ଼ା ଜିଲ୍ଲାରେ ୧୬୦ଟି ଗାଡ଼ି ଯାଞ୍ଚ ସହ ୩୩,୦୦୦ ଟଙ୍କା ଜରିମାନା, ଜଗତସିଂହପୁର ଜିଲ୍ଲାରେ ୧୨୮ଟି ଗାଡ଼ିରୁ ୧୬,୦୦୦ ଟଙ୍କା ଜରିମାନା, କଟକର କଣ୍ଟାପଡ଼ା ଓ ପର୍ଶୁରାମପୁର ଅଞ୍ଚଳରେ ୫ଟି ବସ୍ ଏବଂ ଖୋର୍ଦ୍ଧାର ଜଙ୍କିଆ ଥାନା ଅନ୍ତର୍ଗତ ଗୋଡ଼ିପଡ଼ା ଟୋଲ୍ ପ୍ଲାଜା ନିକଟରେ ୪ଟି ଭାରୀଯାନ ଯାଞ୍ଚ କରାଯାଇଛି।

# ଚହଟା-ମଧୁ ସେତୁ ୬ ଲେନ୍ ରାସ୍ତା କାର୍ଯ୍ୟର ସମୀକ୍ଷା

**କଟକ,୧୩।୧(ସମିସ):** ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋଷ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସର୍କିଟ ହାଉସଠାରେ ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା କଟକ ସହରରେ ଆର.ଆଣ୍ଡ.ବି ବିଭାଗ ଅଧୀନରେ ଥିବା ସମସ୍ତ ରାସ୍ତାଘାଟ ଓ କୋଠାବାଡ଼ିର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ବୈଠକରେ ଉପସ୍ଥିତ ଥିବା ଚିଫ୍ କନଷ୍ଟ୍ରକସନ ଇଞ୍ଜିନିୟର ତ୍ରିନାଥ ବେହେରା ଏବଂ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ମହମ୍ମଦ ସେହେବାଜ ସମସ୍ତ ବିବରଣୀ ବିଧାୟିକାଙ୍କ ନିକଟରେ ଉପସ୍ଥାପନ କରିଥିଲେ। ବିଧାୟିକା ଚହଟା ଅଞ୍ଚଳରେ ଚାଲିଥିବା ୬-ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟର ଅନୁଧାନ କରିବା ସମୟରେ ପ୍ରବଳ ଧୂଳି ଉଡୁଥିବା ଲକ୍ଷ୍ୟ କରିଥିଲେ। ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ବିଧାୟିକା ନିର୍ମାଣସ୍ଥଳରେ ପ୍ରତିଦିନ ନିୟମିତ ଭାବେ ପାଣି ସିଞ୍ଚନ କରିବାକୁ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।



# ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଏନ୍‌ରଜିଆ

**କଟକ,୧୩।୧(ସମିସ):** କଲେଜ ଛକସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଏନରଜିଆ ବେଲେଶ୍ୱରସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ଖେଳ ପଡିଆରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବ ଦୁଇଦିନ ଧରି ଚାଲିଥିଲା। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ଏସିପି ସୁଧାଂଶୁ ଜେନା ଓ ଶିକ୍ଷା ଟ୍ରଷ୍ଟର ନିର୍ଦ୍ଦେଶକ ସହ ଶିକ୍ଷାବିତ୍ ଓ ସାମାଜିକ କର୍ମୀ ଶୁଭେନ୍ଦୁ ଶେଖର ସ୍ୱାଇଁ ଓ ପଟିଆ ସ୍କୁଲ ଅଧ୍ୟକ୍ଷା ଡକ୍ଟର ପି.ଏସ୍ ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ସିଆରଆରଆଇ ଥାନା ଅଧିକାରୀ ପିଟି ଗଣେଶ ସାହୁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଡ. ପ୍ରଭୁ ଚରଣ ମହାନ୍ତି, ନିର୍ଦ୍ଦେଶକ ସମ୍ୟକ ମହାନ୍ତି, ସହ ନିର୍ଦ୍ଦେଶକ ସମର୍ଥ ମହାନ୍ତି ଏବଂ ଟ୍ରଷ୍ଟି ସ୍ନିଗ୍ଧା ମହାନ୍ତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ପୂର୍ବ ବର୍ଷ ବୋର୍ଡ ଟପ୍ପର ଓ ଚଳିତ ବର୍ଷ ପ୍ରିବୋର୍ଡ ଟପ୍ପରଙ୍କୁ ପୁରସ୍କୃତ କରାଯାଇଥଲା। କ୍ରୀଡା ଉତ୍ସବରେ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଡ. ନିକୋଲା ହ୍ୟାରୀ ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ ଡ. ଶମାମା ତାଜଦାର ପରିଚାଳନା କରିଥିଲେ।

































ସକାଳ
THE SAKALA



www.sakalaepaper.com

# ରାସ୍ତାରେ ବେଆଇନ ବାଲି, ଚିପ୍ସ ବ୍ୟବସାୟ

## ଯାତାୟାତରେ ସମସ୍ୟା; ତହସିଲ ପ୍ରଶାସନ ନିରବଦ୍ରଷ୍ଟା



ନିଶ୍ଚିନ୍ତକୋଇଲି,୧୩ା୧(ସମିସ): ନିଶ୍ଚିନ୍ତକୋଇଲି ତହସିଲ ଅଧୀନସ୍ଥ ବିଭିନ୍ନ ଗାଁ ଗହଳିର ରାସ୍ତା ଏବଂ କଟକ-ଚାନ୍ଦବାଲି ମୁଖ୍ୟରାସ୍ତାରେ ବେଆଇନ ଭାବେ ବାଲି, ଚିପ୍ସ, ଇଟା ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଠୁଳ କରି ରଖି କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବ୍ୟବସାୟ କରୁଛନ୍ତି। ରାସ୍ତା ଉପରେ ବିଭିନ୍ନ ନିର୍ମାଣ ସାମଗ୍ରୀ ଗଦା ହୋଇ ରହିବାରୁ ଏହା ଅବରୋଧ ହେବା ଯୋଗୁ ଯାତାୟାତରେ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛି ଦିନ ହେବ ଭୁବନେଶ୍ୱର-ପୁରୀ ରାସ୍ତାରେ ବାଲି ଗଦା ହୋଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ସାମ୍ବାଦିକା ସମେତ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ନିଶ୍ଚିନ୍ତକୋଇଲି ତହସିଲ ସମେତ ବିଭିନ୍ନ ରାସ୍ତାରେ ବ୍ୟାପକ ଭାବେ ବାଲି ଗଦା ହୋଇଥିବା ବେଳେ ଏଥିପ୍ରତି ପୁଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ବାଇକ ସମେତ ଅନ୍ୟାନ୍ୟ ଯାନବାହନରେ ଯାତାୟାତ କରୁଥିବା ବାଟୋଇମାନେ ପ୍ରତ୍ୟେକ ଦିନ ଦୁର୍ଘଟଣାଗ୍ରସ୍ତ ହୋଇ ଖଣ୍ଡିଆ ଖାବରା ହେଉଥିବା ଦେଖାଯାଇଛି। ବିଗତ ୬ ମାସ ହେବ କଟକ-ଚାନ୍ଦବାଲି ରାସ୍ତାର ଡାହାଣ ପାଶ୍ୱର୍ରେ ଜମରା ଛକ ଆଗକୁ ଜଣେ ଠିକାଦାର ଠିକା କାମ ଅଧା କରି ସେଠାରେ ବାଲି ଗଦା କରି ରଖିଥିବାରୁ ବହୁ ବାଇକ ଆରୋହୀ ଏହାଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇ ଗୋଡ ହାତ ଭାଙ୍ଗିଥିବାର ଜଣାଯାଇଛି। ଏହାଛଡା ମୁଖ୍ୟ ରାସ୍ତା ପାଶ୍ୱର୍ରେ ଯେଉଁମାନେ ଘର ନିର୍ମାଣ କରୁଛନ୍ତି ସେମାନେ ମଧ୍ୟ ବେଆଇନ ଭାବେ ବାଲି, ଗୋଡି, ଇଟା ଓ ବିଭିନ୍ନ ନିର୍ମାଣ ସାମଗ୍ରୀ ଗଦା କରି ରାସ୍ତା ଅବରୋଧ କରୁଥିଲେ ମଧ୍ୟ ତହସିଲ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା ଟିକିଏ ତାଗିଦ୍ ମଧ୍ୟ କରାଯାଉ ନ ଥିବା ଲୋକମାନେ ଅଭିଯୋଗ କରୁଛନ୍ତି। କଟକ-ଚାନ୍ଦବାଲି ରାସ୍ତାରେ ସଂଯୋଗ କରୁଥିବା ବାହାବଳପୁର ରାସ୍ତାର ତେଲ ଟାଙ୍କି ପାଖରେ ଟ୍ରିପ୍ ଟ୍ରିପ୍ ବାଲି ଗଦା ହୋଇ ବ୍ୟବସାୟ ଚାଲିଥିବାରୁ ଲୋକମାନେ ମଧ୍ୟ ଯାତାୟାତରେ କଷ୍ଟ ଭୋଗୁଛନ୍ତି। ଏହାଛଡା ବହୁ ବ୍ୟକ୍ତି ଧାନ, ମୁଗ ଓ ବିରି ଅମଳ ସମୟରେ ରାସ୍ତା ଉପରେ ପକାଇ ଅମଳ କରୁଥିବାରୁ ଲୋକମାନେ ମଧ୍ୟ ଯାତାୟାତ ବେଳେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଗାଁ ଗହଳିର କେତେକ ବ୍ୟକ୍ତି ରାସ୍ତା ଉପରେ ସେମାନଙ୍କର ଗାଈ ଗୋରୁମାନଙ୍କୁ ବାନ୍ଧିବା, ରାସ୍ତା ପାଶ୍ୱର୍ରେ ଗୋବର ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଗଦାକରି ରଖିବା ଏବଂ ରାସ୍ତା ଉପରେ ବିଭିନ୍ନ ଦ୍ରବ୍ୟ ଶୁଖାଇବା ବେଳେ ରାସ୍ତାକୁ ଅବରୋଧ କରୁଥିବାରୁ ମଧ୍ୟ ଯାତାୟାତରେ ବ୍ୟାହତ ହେଉଛି। ଏହାଛଡା କେତେକ ରାସ୍ତାରେ ଆବଶ୍ୟକ ନ ଥିଲା ବେଳେ ବେଆଇନ ଭାବେ ହମ୍ପସ୍ ନିର୍ମାଣ କରାଯାଇଥିବାରୁ ମଧ୍ୟ ଯାନବାହାନ ଯାତାୟାତ ସମୟରେ ସମସ୍ୟା ଉପୁଜୁଛି। ରାସ୍ତା ଉପରେ ବେଆଇନ ଭାବେ ବିଭିନ୍ନ ଘଟଣା ଘଟୁଥିବା ବେଳେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏପରିକି ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲ୍ଲା ସଡକ ପଥ ଏବଂ ଗ୍ରାମାଞ୍ଚଳ ରାସ୍ତାରେ ହେଉଥିବା ବେଆଇନ ଅବରୋଧକୁ ବନ୍ଦ୍ କରିବା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଏହାର ଅପବ୍ୟବହାରକୁ ରୋକିବା ପାଇଁ ପ୍ରଶାସନିକ ସ୍ତରରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଟାଙ୍ଗୀରେ ଜାତୀୟ ଯୁବ ଦିବସ




ଟାଙ୍ଗୀ,୧୩।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନ ଓ ଯୁବ ଅନୁଷ୍ଠାନରେ ଜାତୀୟ ଯୁବ ଦିବସ ସୋମବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ଼ ବିଲକେଶ ପରବିନଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଉଦଘାଟକ ଭାବେ ପ୍ରଫେସର ଡ଼ ବୈଷ୍ଣବ ଚରଣ ସାମଲ, ମୁଖ୍ୟଅତିଥି ଭାବେ ପ୍ରଫେସର ଡ଼ ନଟବର ଶତପଥୀ, ମୁଖ୍ୟବକ୍ତା ଡ଼ ସୁରେନ୍ଦ୍ରନାଥ ତ୍ରିପାଠୀ, ବିଶିଷ୍ଟ ଅତିଥି ଙ୍କ ପ୍ରଫେସର ଡ଼ ପ୍ରସନ୍ନ ସ୍ୱାଇଁ, ବରେଣ୍ୟ ଅତିଥି ପ୍ରାଧ୍ୟାପକ ଆଦିତ୍ୟ ପ୍ରସାଦ ଧଳ, ସମ୍ମାନିତ ଅତିଥି ଅଧ୍ୟାପିକା ଜ୍ୟୋତିର୍ମୟୀ, ସୁକୁମାର ସାମଲ, ଡ଼ ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟ, ରବିନ୍ଦ୍ର ମହାପାତ୍ର, ସାମ୍ବାଦିକ ନିରାକାର ସାହୁ ଓ ଯୁବ ସମାଜସେବୀ ଗଙ୍ଗାଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଲେଜ ପରିସରରେ ଥିବା ସ୍ୱାମୀ ବିବେକାନନ୍ଦ ପ୍ରତିମୂର୍ତ୍ତିରେ ସମସ୍ତ ଅତିଥି ମାଲ୍ୟାର୍ପଣ କରିଥିଲେ। ଆବାହକ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ପରିଚାଳନା କରିଥିବାବେଳେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ



ମାହାଙ୍ଗା,୧୩ା୧(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଣିଯୋରୀସ୍ଥିତ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ୪୦ତମ କ୍ରୀଡା ପ୍ରତିଯୋଗିତା ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜୟଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ପଣ୍ଡିତ ପ୍ରଭାତ କର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ପଞ୍ଚଶଖା ଶିକ୍ଷାସେତୁ ସମିତି ସଭାପତି ଦଉହରି ସାହୁ, ସିଆରସିସି ସଞ୍ଜୟ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିକ୍ରମ କିଶୋର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ଜେନା, ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ ନନ୍ଦ, ସମ୍ମାନିତ ବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ମୃତିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କିଶୋର ମୋହନ ମହାନ୍ତି ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଜ୍ଞା ପ୍ରିୟଦର୍ଶିନୀ ଜେନା ବିଦ୍ୟାଳୟର ଚାମ୍ପିଅନ ହୋଇଥିଲା ବେଳେ ବରିଷ୍ଠ ବିଭାଗରେ ପ୍ରଦୀପ୍ତ ସାହୁ ଓ କନିଷ୍ଠ ବିଭାଗରେ ଓମକାର ପ୍ରଧାନ ଓ ରଶ୍ମିତା ରାଉତ ଚାମ୍ପିଅନ ହୋଇଥିଲେ। କ୍ରୀଡା ଶିକ୍ଷକ ତୁଷାର ଦାସ, ଜୟଦେବ ସାହୁ, ସୀମା ବେହେରା, ଅମର ସାହୁ, କୃଷ୍ଣଚନ୍ଦ୍ର ବେହେରା, ସନ୍ଧ୍ୟାରାଣୀ ସ୍ୱାଇଁ, ନିବେଦିତା ପ୍ରଧାନ, ରୋହିତ କାଲୋ ପ୍ରମୁଖ ଶିକ୍ଷକ ଶିକ୍ଷିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଙ୍କଜ ନାୟକ ଧନ୍ୟବାଦ ଦେଇଥିଲେ।

## ଚୌଦ୍ୱାରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

ଚୌଦ୍ୱାର,୧୩ା୧(ସମିସ): ବିବେକାନନ୍ଦ ସେବା ସମିତି ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସମିତି ସଭାପତି ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ଶିବ ସତ୍ୟାନନ୍ଦ ସରସ୍ୱତୀ, ସାହିତ୍ୟିକ ତଥା ସ୍ତମ୍ଭକାର ଦିବ୍ୟଜ୍ୟୋତି ପାଣି, ଚୌଦ୍ୱାର ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସଂପାଦକ ସୁକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ଏବଂ ସଂଯୋଜକ ପ୍ରଦୀପ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଜୟ ମହାପାତ୍ର, ଉତ୍ତମ କୁମାର ସ୍ୱାଇଁ, ପ୍ରତାପ ସ୍ୱାଇଁ, ଦେବରାଜ ଦାସ, ସୁବ୍ରତ ନାଥ, ବିଶ୍ୱଜିତ୍ ବିଶ୍ୱାଳ, ଦେବାଶିଷ ମହାନ୍ତି, ମନୋରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୫ ଜଣ ଅସହାୟ ମହିଳାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସଂଯୋଜକ ଗୌତମ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ମା'କାଳୀ ମନ୍ଦିର ସମିତି, ଦିବ୍ୟଜୀବନ ସଂଘ, ଅବସରପ୍ରାପ୍ତ ଶିକ୍ଷକ ସଂଘ, ଆନନ୍ଦମୟ ସଂଗଠନ, ନୂଆସାହି ବରିଷ୍ଠ ନାଗରିକ ସଂଘ, ଯାଜଭୈରବ ବରିଷ୍ଠ ନାଗରିକ ପରିଷଦ, ଚୌଦ୍ୱାର ସାହିତ୍ୟ ସଂସଦର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସମୂହ 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ

ଚୌଦ୍ୱାର,୧୩ା୧(ସମିସ): ଜାତୀୟ ଚେତନାକୁ ଉଦ୍‌ଜୀବିତ କରିବା ଲକ୍ଷ୍ୟରେ ଚୌଦ୍ୱାର ମହାବିଦ୍ୟାଳୟରେ ବନ୍ଦେ ମାତରମ୍ ଗାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧ୍ୟାପକ ପ୍ରଭାକର ମିଶ୍ର ଅତିଥି ଭାବେ ଦେଶପ୍ରେମ, ଜାତୀୟ ଏକତା ଓ ନାଗରିକଙ୍କ ଦାୟିତ୍ୱବୋଧ ଓ ମୂଲ୍ୟବୋଧ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଡ. ଦୀପକ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବାଶିଷ ଷଡ଼ଙ୍ଗୀ, ସ୍ୱର୍ଣ୍ଣପ୍ରଭା ସାମନ୍ତରାୟ, ସ୍ୱାଭିମାନ ସାମନ୍ତରାୟ, ଶୁଭସ୍ମିତା ଭୂୟାଁ ପ୍ରମୁଖ ଆତ୍ମନିର୍ଭର ଭାରତ ଗଠନ ଉପରେ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ସମୂହ ଭାବେ ବନ୍ଦେ ମାତରମ କରାଯାଇଥିଲା ଏବଂ ସମୂହ ସଂକଳ୍ପ ପାଠ କରାଯାଇଥିଲା। ଅଧ୍ୟାପକ ସୁମନ୍ତ ସାହୁ, ଯୁକ୍ତେଶ୍ୱର ଦାସ, ଶିକ୍ଷାଶ୍ରୀ ମିଶ୍ର, ଦୀପକ ଦାସ, ରିଙ୍କୁ କିସାନ୍, ବନିତା ସ୍ୱାଇଁ, ସଂଘମିତ୍ରା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଚାରୀ, ଛାତ୍ରଛାତ୍ରୀ ବନ୍ଦେ ମାତରମ ସଙ୍ଗୀତ ଗାନ କରିଥିଲେ। ମହାବିଦ୍ୟାଳୟର ଏନଏସଏସ, ରେଡକ୍ରସ, ଏନସିସି ଛାତ୍ରଛାତ୍ରୀ



ତିଗିରିଆ: ତିଗିରିଆସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ପରାମର୍ଶକ୍ରମେ ସୋମବାର ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ ତଥା ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ. ପତିତପାବନ ପଣ୍ଡା, ବିଜୟ ଦାସ, ଅଧ୍ୟାପିକା ଗୁଲପସା ବେଗମ, ରଶ୍ମିରେଖା ମଲ୍ଲିକ, ପୁଷ୍ପାଞ୍ଜଳି ବାରିକ, କ୍ରୀଡା ଶିକ୍ଷକ ରୂପେନ୍ଦ୍ର ନାରାୟଣ ତ୍ରିପାଠୀ ସହଯୋଗ କରିଥିଲେ।

## ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

ତିଗିରିଆ,୧୩ା୧(ସମିସ): ତିଗିରିଆ ବ୍ଲକ ଭିରୁଡ଼ା ପଞ୍ଚାୟତ ଗୋଡିଝରିଆ ଗ୍ରାମର ବିଚିତ୍ରାନନ୍ଦ ବେହେରାଙ୍କ ଘରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ମଧ୍ୟାହ୍ନରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁ ବିଚିତ୍ରାନନ୍ଦଙ୍କ ଘରେ ଏହି ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ବିଚିତ୍ରାନନ୍ଦଙ୍କ ପରିବାର ସଦସ୍ୟ ଘର ବାହାରେ ଥିବାବେଳେ ଅଗ୍ନିକାଣ୍ଡ ସମ୍ପର୍କରେ ପଡୋଶୀଙ୍କଠାରୁ ସୂଚନା ପାଇ ତିଗିରିଆ ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ଆସି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରେ ନଗଦ ଟଙ୍କା, ସୁନାଗହଣା, ଆସବାବପତ୍ର ପ୍ରଭୃତି ପୋଡ଼ିଯାଇଥିବା ଜଣାପଡିଛି। ବିଚିତ୍ରାନନ୍ଦ ଆସନ୍ତା ମାସରେ ଝିଅ ବାହାଘର ପାଇଁ ଘରେ ଟଙ୍କା, ସୁନାଗହଣା ଓ ଅନ୍ୟାନ୍ୟ ଆସବାବପତ୍ର ରଖିଥିବା ବେଳେ ଅଗ୍ନିକାଣ୍ଡରେ ସେସବୁ ପୋଡ଼ି ଯାଇଛି।

## ନୃତ୍ୟ ଶିକ୍ଷାନୁଷ୍ଠାନର ସାଂସ୍କୃତିକ ଉତ୍ସବ

ଚୌଦ୍ୱାର,୧୩ା୧(ସମିସ): ଅଞ୍ଚଳର ଅଗ୍ରଣୀ ନୃତ୍ୟ ଶିକ୍ଷାନୁଷ୍ଠାନ ଡାଏନା ଡ୍ୟାନ୍ସ ସ୍କୁଲର ନବମ ବାର୍ଷିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ସ୍ଥାନୀୟ ପୌର ଟାଉନ୍‌ହଲରେ ଦୁଇଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ନମିତା ନାୟକ ଓ ଶିକ୍ଷାବିତ୍ ଉତ୍ତମ ଚରଣ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଲଳିତକଳା ରାଜ୍ୟ ଗ୍ରନ୍ଥାଗାରର ଲାଇବ୍ରେରିଆନ୍ ସବିତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଏକାଡେମୀର ପୂର୍ବତନ ସମ୍ପାଦକ ରବି ନାରାୟଣ ରଥ, ଶିକ୍ଷାବିତ୍ ପ୍ର. ସତ୍ୟ ନାରାୟଣ ପଣ୍ଡା, ସଂଗୀତ ନିର୍ଦ୍ଦେଶକ ସଂଜୟ ଦାସ, ଅଂଶୁମାନ କର ପ୍ରମୁଖ ଅତିଥି ଦୁଇଦିନ ଧରି ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଶୁଭମ୍ ସରିତା କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସରୋଜ କୁମାର କର ମଞ୍ଚ ପରିଚାଳନା କରିଥିଲେ। ପ୍ରତିମା ଦାସ ଧନ୍ୟବାଦ ଦେଇଥିଲେ।

## ଅଟଳ ସେନା ପକ୍ଷରୁ ଜାତୀୟ ଯୁବ ଦିବସ



ସାଲେପୁର,୧୩।୧(ସମିସ): ଅଟଳ ସେନା ପକ୍ଷରୁ ସାଲେପୁରସ୍ଥିତ ରାଜ୍ୟ କାର୍ଯ୍ୟାଳୟଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ଓ ଜାତୀୟ ଯୁବ ଦିବସ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯୁବଶକ୍ତି ରାଷ୍ଟ୍ରଶକ୍ତି ଶୀର୍ଷକ ଏକ ଆଲୋଚନାଚକ୍ରକୁ ମୁଖ୍ୟଅତିଥି ଡଃ ପୂର୍ଣ୍ଣଚନ୍ଦ୍ର ଓଝା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରାକ୍ତନ ବାୟୁସେନା ଅଧିକାରୀ ଙ୍କ ଉଦ୍ଧବ ଚରଣ ନାୟକ ଓ ଅଟଳ ସେନା ଭିନ୍ନକ୍ଷମ ସଂଘର ସଂପାଦକ ଜୟଦେବ ମିର୍ଧାଙ୍କ ଅକାଳ ବିୟୋଗରେ ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଅଶୋକ ସ୍ୱାଇଁ, ଉପଦେଷ୍ଟା ଭିକାରୀ ଚରଣ ବେହେରା ଯୋଗ ଦେଇଥିଲେ। ଅଟଳ ମହିଳା ସଂଘ ସଂପାଦିକା ବିନତୀ ପ୍ରଧାନ, ସାମାଜିକ ଗଣମାଧ୍ୟମର ରାଜ୍ୟ ସଂଯୋଜକ ହରେକୃଷ୍ଣ ସାମଲ, ସେବା ପ୍ରମୁଖ କୃଷ୍ଣଚନ୍ଦ୍ର ବାରିକ, ଉପଦେଷ୍ଟା ଦ୍ରୁପଦ ସ୍ୱାଇଁ, ଅଟଳ ଯୁବସଂଘ ଉପସଭାପତି ଅନିରୁଦ୍ଧ ବେହେରା, ସଂପାଦକ ସନ୍ତୋଷ ସାମ ଉପସ୍ଥିତ ଥିଲେ। ସେନାର ସାଲେପୁର ନଗର ସଭାପତି ପ୍ରଫୁଲ୍ଲ ଜେନା ଧନ୍ୟବାଦ ଦେଇଥିଲେ।

## ସିଏସ୍ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ



ତିଗିରିଆ,୧୩।୧(ସମିସ): ତିଗିରିଆ ବ୍ଲକ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ବିଜ୍ଞାନ ଓ କଳା ସ୍ନାତକ ମହାବିଦ୍ୟାଳୟରେ ସୋମବାର ଜାତୀୟ ଯୁବ ଦିବସ ଅବସରରେ ଜନ ସଚେତନତା ଶୋଭାଯାତ୍ରା, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ସହିତ ବନ୍ଦେ ମାତରମ ଗାନ କରାଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ଼ ରିବନ କ୍ଲବର ସଦସ୍ୟଙ୍କ ତତ୍ତ୍ୱାବଧାନରେ ତଥା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହଯୋଗରେ ପ୍ରଥମେ ଏକ ଜନସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟରେ ଏସସିବି ମେଡିକାଲ କଲେଜର ବ୍ଲଡ଼ ବ୍ୟାଙ୍କ ସହଯୋଗରେ ଏକ ରକ୍ତଦାନ ଶିବିରରୁ ମୋଟ ୬୪ ୟୁନିଟ୍ ରକ୍ତ ସଂଗ୍ରହ କରାଯିବା ସହ ରକ୍ତଦାତାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଦିବା ୧୧ଟା ସମୟରେ ଛାତ୍ରଛାତ୍ରୀ ବନ୍ଦେ ମାତରଂ ଗାନ କରିବା ସହ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ନିମନ୍ତେ ସଂକଳ୍ପ ନେଇଥିଲେ।

## ରାମକୃଷ୍ଣ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଫୁଲନଖରା,୧୩ା୧(ସମିସ): ବାରଙ୍ଗ ବ୍ଲକ ୩୩ ନଂ ଜୋନ୍ ଅନ୍ତର୍ଗତ ଜିଗିନିପୁରସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାଳୟରେ ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆଇନଜୀବୀ ଦିଲ୍ଲୀପ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ରାଜ୍ୟ ବାର୍ କାଉନସିଲ୍ ସଦସ୍ୟ ଅକ୍ଷୟପତି ମୁଖ୍ୟଅତିଥି ଓ ଗୀତିକବି ସ୍ୱାଧୀନଚେତା ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ବିଦ୍ୟାଳୟର ଉପଦେଷ୍ଟା କାନନ ବିହାରୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସରୋଜ ମହାପାତ୍ର, ଶିକ୍ଷାବିତ୍ ସାହାନ୍‌ୱାଜ୍ ଖାନ୍, କଟକ ବାର୍



ଆସୋସିଏସନ୍‌ର ସଂପାଦକ ଦିଲ୍ଲୀପ ମହାପାତ୍ର, ସାମ୍ବାଦିକ ଆଦିତ୍ୟ ଛୋଟରାୟ ଓ ଯୁବ ସଂଗଠକ ରାଜକିଶୋର ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ୩ୟ ଶ୍ରେଣୀରେ ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ଛାତ୍ର ବିଶ୍ୱଜିତ ବେହେରାଙ୍କୁ ବିଦ୍ୟାଳୟ ତରଫରୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବା ସହ ବିଦ୍ୟାଳୟର ଶ୍ରେଷ୍ଠ ବିଦ୍ୟାର୍ଥୀ ସମ୍ମାନ ଜୟଶ୍ରୀ ଦାସଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା କୁଦରତୁନ୍ ନିଶା ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଂପାଦକ ରଣଜିତ ପାତ୍ର ଧନ୍ୟବାଦ ଦେଇଥିଲେ। ବିନୋଦ ପାତ୍ର, ସଂଧ୍ୟାରାଣୀ ବେହେରା, ନର୍ଗିସ୍ ଖାନମ୍, ସ୍ୱାଗତିକା ମୂଳିଆ, ମିତାଲି ମଧୁସ୍ମିତା ଜେନା, ରୂପାଲି ସାମଲ, ପ୍ରିୟଙ୍କା ଦାଶ, ବୈଜୟନ୍ତୀ ନାୟକ ପ୍ରମୁଖ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ପିପି କଲେଜରେ ବାର୍ଷିକ କ୍ରୀଡ଼ା



ନିଶ୍ଚିନ୍ତକୋଇଲି,୧୩ା୧(ସମିସ): ନିଶ୍ଚିନ୍ତକୋଇଲିସ୍ଥିତ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ୪୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ କଲେଜ ଅଧ୍ୟକ୍ଷ ଡ. ପ୍ରଫେସର ତରୁଲତା ଦେବୀ ପତାକା ଉତ୍ତୋଳନ ଓ ଶପଥ ଗ୍ରହଣ କରାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ଅବସର ଗ୍ରହଣ କରିବାକୁ ଥିବା ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ରଶ୍ମିରଞ୍ଜନ ପଟ୍ଟନାୟକ, ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ନୀଳକଣ୍ଠ ସାହୁ, ମୁଖ୍ୟ କିରାଣି କ୍ଷୀରୋଦ ମହାନ୍ତି, ଉଦ୍ଭିଦ ବିଜ୍ଞାନ ବିଭାଗର ଭଣ୍ଡାର ରକ୍ଷକ ନଳିନୀକାନ୍ତ ସାମଲଙ୍କୁ ସମ୍ମାନସୂଚକ ଅଭିବାଦନ ଦିଆଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ, +୩ କ୍ରୀଡା ସଂସଦର ଉପସଭାପତି ଅଧ୍ୟାପକ ଦୀପକ ଦ୍ୱିବେଦୀ, +୨ କ୍ରୀଡା ସଂସଦର ଉପସଭାପତି ଡ. ପ୍ରସନ୍ନ ଦାସ, ଅଧ୍ୟାପକ ପ୍ରଦୀପ୍ତ ମହାନ୍ତି, ଅଧ୍ୟାପକ ଡ. ବିଶ୍ୱଜିତ ବେହେରା, ଅଧ୍ୟାପିକା ସ୍ୱୟଂପ୍ରଭା ସାମଲ, ଅଧ୍ୟାପକ ଅମରିଶ ସ୍ୱାଇଁ, ଅଧ୍ୟାପିକା ଦେବଜାନୀ ସିହ୍ନା, ରବିନ୍ଦ୍ର ରଞ୍ଜନ ପ୍ରଧାନ, ଅସୀମା ତିର୍କି, କ୍ରୀଡ଼ା ଶିକ୍ଷକ ଯୁଗାନ୍ତର ନାୟକ, ହରପ୍ରିୟା ମହାପାତ୍ର, ଉମାକାନ୍ତ ସ୍ୱାଇଁ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଆଠଗଡ଼ରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି



ଆଠଗଡ଼,୧୩ା୧(ସମିସ): ଆସନ୍ତା ସାଧାରଣତନ୍ତ୍ର ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ଆଠଗଡ଼ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର କୁଞ୍ଜବିହାରୀ ବଡ଼ଜେନାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଏହି ବୈଠକ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ଆଠଗଡ଼ ଷ୍ଟାଡିୟମରେ ମୁଖ୍ୟ ସମାରୋହ ଆୟୋଜନ କରାଯିବାକୁ ସ୍ଥିର ହୋଇଥିବା ବେଳେ, ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏନସିସି କ୍ୟାଡେଟ୍ ଏବଂ ଛାତ୍ରଛାତ୍ରୀମାନେ ପରେଡରେ ଅଂଶଗ୍ରହଣ କରିବେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଦିବସର ପ୍ରତ୍ୟୁଷରୁ ସହରରେ ଡାକବାଜି ଯନ୍ତ୍ର ଯୋଗେ 'ରାମଧୁନ' ପରିବେଷଣ କରାଯାଇ ଜାତୀୟ ଚେତନା ସୃଷ୍ଟି କରାଯିବ। ସକାଳ ୭ଟା ୧୫ ମିନିଟରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯିବ ଏବଂ ପରେ ସକାଳ ୮ଟା ୩୦ ମିନିଟରେ ଉପଖଣ୍ଡସ୍ତରୀୟ ମୁଖ୍ୟ ସମାରୋହରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ସହରର ବିଭିନ୍ନ ପ୍ରବେଶ ପଥରେ ଆକର୍ଷଣୀୟ ତୋରଣ ନିର୍ମାଣ ସହ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଅନୁରୋଧ କରାଯାଇଛି। ସାମାଜିକ ଦୂରତା ଓ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ କୃତୀ ପ୍ରତିଯୋଗୀ ଓ ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାସ୍ୱତୀ ପାଢ଼ୀ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ବିଡିଓ ଆକାଶ ପଣ୍ଡା, ଭାରପ୍ରାପ୍ତ ଥାନାଧିକାରୀ ସୁମତୀ ମହାନ୍ତି, ଡେପୁଟୀ କଲେକ୍ଟର ଦୀପମ ରାଉତ ଓ ପ୍ରଭୁଦତ୍ତ ପ୍ରଧାନଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ମତ ବ୍ୟକ୍ତ କରିଥିଲେ।

## ଡ୍ରିମ୍ସରେ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍



**କଟକ, ୧୩ା୧(ସମିସ):** ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଗ୍ରାଉଣ୍ଡରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସରେ ସହିଦ୍ ଏନ୍ ପଟେଲ ବିଶ୍ୱବିଦ୍ୟାଳୟ ଓ ଆସାମ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ ପ୍ରଥମ ମ୍ୟାଚ୍‌ରେ ରାଧାଗୋବିନ୍ଦ ବିଶ୍ୱବିଦ୍ୟାଳୟକୁ ସହିଦ୍ ଜଏନ୍ ପଟେଲ ବିଶ୍ୱବିଦ୍ୟାଳୟ ୧୦ ୱିକେଟ୍ ଏବଂ ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଟେକ୍ନୋଲୋଜିକୁ ଆସାମ ବିଶ୍ୱବିଦ୍ୟାଳୟ ୫ ୱିକେଟ୍‌ରେ ପରାସ୍ତ କରିଥିଲା। ଏହି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଆୟୋଜକ କମିଟି ସମ୍ପାଦକ ଅଞ୍ଜନ ଖୁଣ୍ଟିଆ, କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଉପସ୍ଥିତ ଥିଲେ।

## ସଫେଇ କର୍ମଚାରୀଙ୍କୁ କମ୍ବଳ ବିତରଣ



**କଟକ, ୧୩ା୧(ସମିସ):** ମର୍କତ ନଗର ସେକ୍ଟର-୬ ଅଞ୍ଚଳରେ କାର୍ଯ୍ୟରତ ଶତାଧିକ ସଫେଇ କର୍ମଚାରୀଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଦୃଷ୍ଟି' ଓ ସ୍ୱର୍ଣ୍ଣଲତା ସେବା-ସହଯୋଗ ପ୍ରତିଷ୍ଠାନ ପକ୍ଷରୁ କମ୍ବଳ ବିତରଣ କରାଯାଇଛି। ବିଶିଷ୍ଟ ଆଇନଜୀବୀ ଶିଶିର ଦାସ, ଡ. ସତ୍ୟ ରାୟ, ପ୍ରଦୀପ ପଟ୍ଟନାୟକ ଓ ଅରବିନ୍ଦ ରାଉତରାୟ ଓ ଦିଲ୍ଲୀପ ପଟ୍ଟନାୟକ ଯୋଗ ଦେଇଥିଲେ।

## ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକରେ ଶୋକ



**ଟାଙ୍ଗୀ, ୧୩ା୧(ସମିସ):** ହୃଦଘାତରେ ଚିକିତ୍ସିତ ହେଉଥିବା ପ୍ରାଥମିକ ଶିକ୍ଷକ ପ୍ରଭାତ ଦେହୁରୀ(୫୨)ଙ୍କ ମୃତ୍ୟୁ ଘଟଣା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଛପଦା ପଞ୍ଚାୟତରେ ସୋମବାର ଶୋକର ଛାୟା ଖେଳାଇ ଦେଇଛି। ପ୍ରାଥମିକ ଶିକ୍ଷକ ଭାବେ ୨୦୦୬ରୁ କାର୍ଯ୍ୟକରି ଅନ୍ତିମ ସମୟରେ ସେ ଉଛପଦା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ତାଙ୍କ ମରଶରୀରକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପୂର୍ବକ ବିଦ୍ୟାଳୟ ପରିସରକୁ ଅଣାଯାଇଥିଲା। ସେଠାରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ନିରବ ପ୍ରାର୍ଥନା କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ କିରାଣି ପ୍ରିୟଦର୍ଶୀ ନାୟକ ମୃତ ଶିକ୍ଷକଙ୍କ ପରିବାରକୁ ସମବେଦନା ଜ୍ଞାପନ ପୂର୍ବକ ସରକାରଙ୍କ ପକ୍ଷରୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ସିଆରସିସି ଦୟାନିଧି ନାୟକ, ସିଆରସିସି ଧିରେନ୍ଦ୍ର ଜେଠୀ, ଦିଲ୍ଲୀପ ବାରିକ ଓ ମହନ୍ତ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦାସଙ୍କ ସମେତ ଶୁଭାଶିଷ ଓଝା, ଅନୁପମା ଲେଙ୍କା, ମିଲି ନାୟକ, ତରୁଣକାନ୍ତି ସ୍ୱାଇଁ, ପ୍ରଦୀପ୍ତ ବେହେରା, ସାମାଜିକ କର୍ମୀ ଶାନ୍ତନୁ ମହାନ୍ତି, ଦୁଷ୍ମନ୍ତ ସାହୁ ଓ ତ୍ରିନାଥ ମଲ୍ଲିକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଶ୍ରେଣୀଗୃହ ଓ ଉନ୍ନୟନ କାର୍ଯ୍ୟ ଉଦ୍‌ଘାଟିତ



**କଣ୍ଟାପଡ଼ା, ୧୩ା୧(ସମିସ):** ଜଗତସିଂହପୁର ଲୋକସଭା ସାଂସଦ ବିଭୁପ୍ରସାଦ ତରାଇ ଓ ନିଆଳି ବିଧାୟକ ଇଂ ଛବି ମଲ୍ଲିକଙ୍କ ଦ୍ୱାରା କଣ୍ଟାପଡ଼ା ବ୍ଲକ ସୁନ୍ଦରଗ୍ରାମସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ ଓ ୧୯୫୦ରେ ସ୍ଥାପିତ ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତ ମାସରେ ଅନୁଷ୍ଠିତ ହେବାକୁ ଥିବା ପ୍ଲାଟିନମ୍ ଜୟନ୍ତୀ ପାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଆଜି ଅପରାହ୍ନରେ ଉଦଘାଟନ କରିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥିଭାବେ ବାଗଲପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ ଯୋଗଦେଇଥିଲେ। ନିଆଳି ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ପ୍ଲାଟିନମ୍ ଜୟନ୍ତୀ ପାଇଁ ୨୭ ଲକ୍ଷ ଟଙ୍କା ବ୍ୟୟରେ ସ୍କୁଲର ବିଭିନ୍ନ ପ୍ରକାରର ଉନ୍ନୟନ କାର୍ଯ୍ୟ ହୋଇଥିବାବେଳେ ଏହି ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସାଂସଦ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। କବୀନ୍ଦ୍ର ସେଠୀ, କୈଳାଶ ଦାଶ, ଅଶୋକ ରଥ, ସୁବ୍ରତ ଦାଶ ପ୍ରମୁଖ ପରିଚାଳନା କରିଥିବାବେଳେ ବ୍ଲକ ଶିକ୍ଷାଧିକାରୀଙ୍କ ସମେତ ଉଭୟ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ୪ଶହରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗଦେଇଥିଲେ।

### ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

# ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକୁ ନେଇ ଚାଷୀ ଅସନ୍ତୋଷ



**ଫୁଲନଖରା, ୧୩ା୧(ସମିସ):** ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଜାନୁଆରୀ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ପାଣି ପଞ୍ଚାୟତ ପକ୍ଷ ଅବସରରେ କଟକ ପ୍ରତାପନଗରୀସ୍ଥିତ 'ୱାଲମି'ଠାରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୱାଲମି ନିର୍ଦ୍ଦେଶକ ଇଂ ଅବିନାଶ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଏବଂ ନିଆଳି ବିଧାୟକ ଛବି ମଲ୍ଲିକ ସମ୍ମାନିତ ଅତିଥି ଭାବେ ଚାଷୀମାନଙ୍କୁ ଜଳ ଯୋଗାଣ କ୍ଷେତ୍ରରେ ରହୁଥିବା ବିଭିନ୍ନ ପ୍ରତିବନ୍ଧକ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୦୨ରୁ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥାରେ ଏବେ ମହିଳାମାନଙ୍କ ସହଭାଗିତା ବୃଦ୍ଧି ପାଇଥିଲେ ମଧ୍ୟ କ୍ଷେତ୍ରସ୍ତରରେ ଅନେକ ସମସ୍ୟା ରହିଥିବା ସ୍ୱୀକାର କରାଯାଇଛି। ଏହି ସଭାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବ୍ୟବସ୍ଥାକୁ ନେଇ ନିଆଳି ବିଧାୟକ ଛବି ମଲ୍ଲିକ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ସଭାଗୃହ ପରିତ୍ୟାଗ କରିଥିଲେ। ସେହିଭଳି ମାହାଙ୍ଗା ବିଧାୟକ ଶ୍ରୀ ପ୍ରଧାନ କହିଥିଲେ ଯେ ସରକାରୀ ତଥ୍ୟ ଅନୁସାରେ ୬୨ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯାଉଥିବା କୁହାଯାଉଥିଲେ ହେଁ ବାସ୍ତବରେ ଅନେକ ସ୍ଥାନରେ କେନାଲ ଜବରଦଖଲ ଓ କାଦୁଆ ନାଳ ପୋତି ହୋଇଯିବା ଯୋଗୁଁ ନିମ୍ନ ଅଞ୍ଚଳକୁ ପାଣି ପହଞ୍ଚି ପାରୁନାହିଁ। ଜଣେ ଚାଷୀ ରଣଜିତ୍ ଜେନା ନିଜର କ୍ଷୋଭ ପ୍ରକାଶ କରି କହିଥିଲେ ଯେ ୪୦ ବର୍ଷ ହେଲା ତାଙ୍କ ଜମିକୁ ପାଣି ଆସିନାହିଁ, ଅଥଚ ତାଙ୍କ ଉପରେ ୪୦ ହଜାର ଟଙ୍କାର ଜଳକର ବୋଝ ଲଦି ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୫୦୦ରୁ ଅଧିକ ଚାଷୀ ଯୋଗଦେଇଥିବା ବେଳେ ସଫଳ ପାଣି ପଞ୍ଚାୟତ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ କୁମାର ଧନ୍ୟବାଦ ଦେଇଥିଲେ। ଶେଷରେ ଉପସ୍ଥିତ ଚାଷୀମାନଙ୍କୁ ଜଳ ସଂରକ୍ଷଣ ଓ ସୁପରିଚାଳନା ପାଇଁ ଶପଥ ପାଠ କରାଯାଇଥିଲା। ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ଚାଷୀମାନେ ଦୃଢ଼ ଦାବି କରିଛନ୍ତି।

## ନାବାଳିକାକୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

**ସାଲେପୁର, ୧୩ା୧(ସମିସ):** ଗ୍ରାମରେ ହେଉଥିବା ଡ୍ରାମାରେ ଅଭିନୟ କରିବାକୁ ଆସି ଜଣେ ୧୧ ବର୍ଷର ନାବାଳିକାକୁ ଅପହରଣ କରି ନେଇଥିବା ଜଣେ ଯୁବକକୁ ସାଲେପୁର ପୁଲିସ ଗିରଫ କରିବା ସହ ଅପହୃତା ନାବାଳିକାକୁ ଉଦ୍ଧାର କରିଥିବା ଜଣାଯାଇଛି। ଗତ ନଭେମ୍ବରରେ ରାମେଶ୍ୱରରେ ଦୁର୍ଗାଶ୍ରୀ ଗଣନାଟ୍ୟ ନାମକ ଏକ ଯାତ୍ରା ପାର୍ଟି ଯାତ୍ରା ପରିବେଷଣ କରିବାକୁ ଆସିଥିଲା। ଏହି ଯାତ୍ରାପାର୍ଟିର ଜଣେ କର୍ମଚାରୀ ଉକ୍ତ ଅଞ୍ଚଳର ଜଣେ ୧୧ ବର୍ଷର ନାବାଳିକାକୁ ଅପହରଣ କରି ନେଇଥିବା ନେଇ ନାବାଳିକାର ପରିବାର ପକ୍ଷରୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସାଲେପୁର ପୁଲିସ ନାବାଳିକାକୁ ଉଦ୍ଧାର କରି ତାଙ୍କ ପରିବାର ଜିମା ଦେଉଥିବାବେଳେ ଅପହରଣକାରୀ ଭଦ୍ରକ ଜିଲ୍ଲା ଆମ୍ଭୋଲି ଗ୍ରାମ ବୈଷ୍ଣବ ସାହିର ଭୀମ ଦାସଙ୍କ ପୁତ୍ର ଭରତ (୨୧) ଫେରାର ଥିଲା। ସାଲେପୁର ପୁଲିସ ଗତକାଲି ଚଢ଼ଉ କରି ଭରତକୁ ଗିରଫ କରିବା ସହ ଆଜି କୋର୍ଟଚାଲାଣ କରିଥିବା ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି।

### ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି କମିଟିର ବୈଠକ

# କଟକରେ ଲୟର୍ସ ଏକାଡେମୀ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଗୃହୀତ



**କଟକ, ୧୩ା୧(ସମିସ):** ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ କଟକରେ ଲୟର୍ସ ଏକାଡେମୀ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହି ପ୍ରସ୍ତାବ ସହିତ ଗୃହୀତ ହୋଇଥିବା ଅନ୍ୟାନ୍ୟ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ହାଇକୋର୍ଟରେ ଓକିଲାତି କରୁଥିବା ତଥା କଟକରେ ବାସଗୃହ ନ ଥିବା ଆଇନଜୀବୀଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଇବା ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଥିଲା। ମୃତ ୧୧୦ଜଣ ଆଇନଜୀବୀଙ୍କ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ଅନୁକମ୍ପା ରାଶି ୩ କୋଟି ୮୬ ଲକ୍ଷ ଟଙ୍କା ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। ସେହିଭଳି ଆଗାମୀ ଦିନରେ ଆଇନଜୀବୀ କଲ୍ୟାଣ ପାଣ୍ଠି କର୍ପସ ଫଣ୍ଡ ବୃଦ୍ଧି, ଅବସରକାଳୀନ ପ୍ରାପ୍ୟକୁ ଅନ୍ୟୂନ ୧୦ଲକ୍ଷ ଟଙ୍କା ବୃଦ୍ଧି ଓ ସ୍ୱାସ୍ଥ୍ୟ ବୀମା ପ୍ରଚଳନ ସମ୍ପର୍କିତ ପ୍ରସ୍ତାବ ଗୃହିତ ହୋଇ ସରକାରଙ୍କୁ ପଠାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ରାଜ୍ୟ ଆଇନ ବିଭାଗର ପ୍ରମୁଖ ସଚିବ ଡ. ପବିତ୍ର ମୋହନ ସାମଲ, ଓଡ଼ିଶା ଆଇନଜୀବୀ କଲ୍ୟାଣ ପାଣ୍ଠି ସଦସ୍ୟ ତଥା ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି, ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ, ପ୍ରଦୀପ ପଟ୍ଟନାୟକ ଓ ପ୍ରବୀର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### କୃଷି ମନ୍ତ୍ରୀଙ୍କ ବକ୍ତବ୍ୟକୁ ନିନ୍ଦା

## ଧାନମଣ୍ଡି ଖୋଲିବା ଦାବିରେ ଗଣବିକ୍ଷୋଭ




**ଟାଙ୍ଗୀ, ୧୩ା୧(ସମିସ):** କୃଷି ମନ୍ତ୍ରୀ ଚାଷୀଙ୍କୁ ନୌଟଙ୍କି କହି ପରିହାସ କରିବା ଘଟଣାକୁ ନିନ୍ଦା ସହ ତୁରନ୍ତ ଧାନମଣ୍ଡି ଖୋଲିବା ଦାବିରେ ଓଡ଼ିଶା କୃଷକ ସଭା, ଟାଙ୍ଗୀ-ଚୌଦ୍ୱାର ବ୍ଲକ କମିଟି ପକ୍ଷରୁ ମଙ୍ଗଳବାର ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଭାପତି ରମେଶ ବେହେରାଙ୍କ ନେତୃତ୍ୱରେ ତଥା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ଲକ୍ଷ୍ମୀଧର ସ୍ୱାଇଁ, ଚନ୍ଦ୍ରମୋହନ ମାଝୀ, ଡମ୍ବରୁଧର ସାହୁ ଓ ବିଷ୍ଣୁ ବେହେରା ପ୍ରମୁଖ ଯୋଗଦେଇ ମନ୍ତ୍ରୀଙ୍କ କୃଷକ ବିରୋଧୀ ମନ୍ତବ୍ୟକୁ ଦୃଢ ନିନ୍ଦା କରିଥିଲେ। ଏଥିସହ ଧାନମଣ୍ଡି ତୁରନ୍ତ ଖୋଲିବା ଆଦି ୫ଦଫା ଦାବିକୁ ନେଇ ମତମନ୍ତବ୍ୟ ଦେବା ସହ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ତେବେ ବିକ୍ଷୋଭ ପୂର୍ବରୁ ଚାଷୀମାନଙ୍କ ଏକ ଶୋଭାଯାତ୍ରା ଟାଙ୍ଗୀ ବଜାର ପରିକ୍ରମା କରିଥିଲା।

# ଉତ୍କଳ ସର୍ବୋଦୟମଣ୍ଡଳର କାର୍ଯ୍ୟକାରୀ ପରିଷଦର ବୈଠକ



**କଟକ, ୧୩ା୧(ସମିସ):** ଉତ୍କଳ ସର୍ବୋଦୟ ମଣ୍ଡଳ କାର୍ଯ୍ୟକାରିଣୀ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଥୋରିଆସାହିସ୍ଥିତ ଗୁଣନିଧି ଭବନରେ ଅନୁଷ୍ଠିତ ହୋଇଯାଇଛି। ସର୍ବଧର୍ମ ପ୍ରାର୍ଥନାରୁ ଆରମ୍ଭ ହୋଇଥିବା ଏହି ବୈଠକରେ ଦିବଙ୍ଗତ ସର୍ବୋଦୟୀ କର୍ମୀ ଭଗବତୀ ମହାନ୍ତି ଓ ବଳରାମ ଜେନାଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇଥିଲା। ସମ୍ପାଦକ ରମାକାନ୍ତ ମଣ୍ଡଳଙ୍କ ଦ୍ୱାରା ଗତ ଅଧିବେଶନର ବିବରଣୀ ଓ ବାର୍ଷିକ ଅଡିଟ ରିପୋର୍ଟ ପାଠ କରାଯାଇଥିଲା। ଭେନେଜୁଏଲାର ତୈଳ ସମ୍ପଦକୁ ଲୁଟ କରିବା ପାଇଁ ଆମେରିକା ଏହାର ରାଷ୍ଟ୍ରପତି ମାଦୁରୋଙ୍କୁ ଯେଉଁଭଳି ଗିରଫ କଲା ତାହାକୁ ମଣ୍ଡଳ ପକ୍ଷରୁ ଦୃଢ଼ଭାବେ ନିନ୍ଦା କରାଯାଇଥିଲା। କୈଳାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ଏହି ସଭାରେ ଗିରିଜା ପ୍ରସାଦ ନାୟକ, ଡାକ୍ତର ରବିରଞ୍ଜନ ସାହୁ, ରେଣୁକା ସାହୁ, ଦେବେନ୍ଦ୍ର ପରିଡ଼ା, ରମା ରଞ୍ଜନ ସ୍ୱାଇଁ, ଗୋବିନ୍ଦ ଓଝା, ମୁରଲୀଧର ଦାସ ଅଧିକାରୀ, ବିଜୟଲକ୍ଷ୍ମୀ ମହାପାତ୍ର, ପ୍ରଦୀପ ସାହୁ, ରଞ୍ଜନା ଜେନା, ଖଗେଶ୍ୱର ବଳ, ମାଳତୀ ପାତ୍ର, ଇନ୍ଦୁମତୀ ସାହୁ ଉପସ୍ଥିତ ଥିଲେ। ଯୁବନେତା ସ୍ନେହାଂଶୁ ଜେନା ଧନ୍ୟବାଦ ଦେଇଥିଲେ।

### ଆଜି ସିଂହନାଥ ପୀଠରେ ମକର ମେଳା

## ବିଶୃଙ୍ଖଳା ହେଲେ କାର୍ଯ୍ୟାନୁଷ୍ଠାନ

**ବଡମ୍ବା, ୧୩ା୧(ସମିସ):** କଟକ ଜିଲ୍ଲାର ସର୍ବ ପୁରାତନ ଶୈବ ପୀଠ ବାବା ସିଂହନାଥ ପୀଠରେ ପାଳିତ ହେବ ମକର ମେଳା। ମେଳାକୁ ସୁଚାରୁରୂପେ ପରିଚାଳନା ପାଇଁ ଆଜି କଟକ ଏସପି ବିନୀତ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ପ୍ରଶାସନିକ ଅଧିକାରୀଙ୍କୁ ନେଇ ସିଂହନାଥଙ୍କ ପୀଠରେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ମେଳାକୁ କିଭଳି ଶାନ୍ତିଶୃଙ୍ଖଳାରେ ପରିଚାଳନା କରାଯିବ, ପୂର୍ବ ଘଟଣାର ଯେପରି ପୁନରାବୃତ୍ତି ନ ଘଟିବ, ଟି-ସେତୁ ଉପରେ ଯାନବାହନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ବାରଣ ସହିତ ଅସ୍ଥାୟୀ ମାଟି ରାସ୍ତାରେ ନିର୍ମିତ ସେତୁରେ ଯାନବାହାନ ନ ଛଡ଼ାଯିବା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବାକୁ ପ୍ରଶାସନ ଅଧିକାରୀଙ୍କୁ ଏସପି ଶ୍ରୀ ଅଗ୍ରୱାଲ ନିର୍ଦ୍ଦେଶ ଦେବା ସହ ଯେଉଁମାନେ କାର୍ଯ୍ୟରେ ଖିଲାପ କରିବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଗିଦ କରିଛନ୍ତି।

**ପ୍ରଶାସନର ଚୂଡ଼ାନ୍ତ ପ୍ରସ୍ତୁତି**

# ୩୫ତମ ଗଦାଧରପୁର କପ୍ କ୍ରିକେଟ: ସେମିରେ ରାଇଜିଙ୍ଗ ଷ୍ଟାର୍



**ଟିଗିରିଆ, ୧୩ା୧(ସମିସ):** ଟିଗିରିଆ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମା' ଭବାନୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୫ତମ ଗଦାଧରପୁର କପ କ୍ରିକେଟ ପ୍ରତିଯୋଗିତାର ଆଜିର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ହରିପୁରର ଟିସିସି କ୍ରିକେଟ କ୍ଲବକୁ ୪ ୱିକେଟରେ ପରାସ୍ତ କରି ରାଇଜିଙ୍ଗ ଷ୍ଟାର କୁମାରବସ୍ତ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। କୁମାରବସ୍ତ ଦଳର ଖେଳାଳି ସନ୍ଦୀପ ମିଶ୍ର ୩୪ ବଲରୁ ବିସ୍ଫୋରକ ୮୩ ରନର ଇନିଂସ ଖେଳି ଓ ବୋଲିଂରେ ଗୋଟିଏ ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଆୟୋଜକ ମା ଭବାନୀ ସ୍ପୋର୍ଟସ କ୍ଲବର ପୁରାତନ ଖେଳାଳି ବିରେନ ତରାସିଆ ଯୋଗ ଦେଇଥିଲେ। ଖେଳକୁ ରମେଶ ସ୍ୱାଇଁ ଓ ନରେଶ ରାଉତ ପରିଚାଳନା କରିଥିଲେ। ଶରତ ରାଉତ, ପ୍ରଶାନ୍ତ ରାଉତ, ବିଭୂତି ଭୂଷଣ ସ୍ୱାଇଁ, ବାମଦେବ ସ୍ୱାଇଁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଯୁବ ଦିବସ




**କଟକ, ୧୩ା୧(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ବା ଜାତୀୟ ଦିବସ ସଭାପତି ପ୍ରିୟରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କଲେଜଛକ ସ୍ଥିତ ଯଶୋଦା ସଦନ ଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରିୟରଞ୍ଜନ ମହାପାତ୍ର ଏହି ଶିଶୁ ସଦନରେ ଉପସ୍ଥିତ ଅନ୍ତେବାସୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଓ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନା ଶେଷରେ ଶିଶୁ ଅନ୍ତେବାସୀଙ୍କୁ ବିବେକାନନ୍ଦଙ୍କ ଜୀବନୀ, ଚିକାଗୋ ବକ୍ତୃତା, କଲମ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସମ୍ପାଦକ ରାକେଶ ଶତପଥୀ, ଉପସଭାପତି ବିମଳ ପ୍ରସାଦ ଜେନା, ରୀନା ଜେନା, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ବିକ୍ରମ ବାରିକ, ଆଲୋକ ସାହୁ, ପ୍ରଭୃତି ସଦସ୍ୟମାନେ ପରିଚାଳନା କରିଥିଲେ। ସଂଗଠନର ପ୍ରମୁଖ ସଦସ୍ୟ ସିପନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଚିକିତ୍ସାଧୀନ ଅବସ୍ଥାରେ ଆହତ ଯୁବକଙ୍କ ମୃତ୍ୟୁ

**ଟିଗିରିଆ, ୧୩ା୧(ସମିସ):** ଟିଗିରିଆ ଥାନା ପାଞ୍ଚଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ଗତ ୪ ତାରିଖରେ ରାତିରେ ହୋଇଥିବା ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିବା ସୁଦର୍ଶନପୁର ଗ୍ରାମର ବିଷ୍ଣୁ ପ୍ରଧାନ ଓରଫ ଚନ୍ଦନ (୧୯)ଙ୍କ ସୋମବାର ଅପରାହ୍ନରେ ମୃତ୍ୟୁ ହୋଇଛି। ଏହି ଘଟଣାରେ ପୂର୍ବରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ଗତ ୪ ତାରିଖ ରାତିରେ ପେଟ୍ରୋଲ ପମ୍ପ ସମ୍ମୁଖରେ କୋଇଲିକନ୍ୟା ଗ୍ରାମର ପ୍ରତାପଚନ୍ଦ୍ର ମନ୍ତ୍ରୀ ଓ ପତ୍ନୀ ମିନା ନିଜର ଦେଢବର୍ଷର ଶିଶୁପୁତ୍ର ସହ ଅଂଶୁପାରୁ ଭୋଜି ସାରି ଘରକୁ ଫେରୁଥିବା ବେଳେ ପେଟ୍ରୋଲ ପମ୍ପ ନିକଟରେ ପେଟ୍ରୋଲ ପକାଇ ଫେରୁଥିବା ଚନ୍ଦନଙ୍କ ଗାଡି ସହ ଧକ୍କା ହୋଇଥିଲା। ପ୍ରତାପ ଓ ତାଙ୍କ ପତ୍ନୀଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ଦେଢ଼ ବର୍ଷର ପୁଅ ଆଶ୍ଚର୍ଯ୍ୟଜନକ ଭାବେ ବଞ୍ଚିଯାଇଥିଲା। ସେହିଦିନଠାରୁ ଚନ୍ଦନ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ସୋମବାର ଅପରାହ୍ନରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୫ ପ୍ରକଳ୍ପର ଆଭାସିରେ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# ନିର୍ମାଣ ହେବ ନରସିଂହପୁର-ଗଣିଆ ସେତୁ



**ନରସିଂହପୁର/ବଡ଼ମ୍ବା, ୧୩ା୧(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଆଭାସୀ ମାଧ୍ୟମରେ ବଡ଼ମ୍ବା ଓ ନରସିଂହପୁର ବ୍ଲକର ୫ଟି ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି। ଏହି ୫ଟି ପ୍ରକଳ୍ପ ପାଇଁ ବ୍ୟୟ ଅଟକଳର ମୂଲ୍ୟ ପ୍ରାୟ ୩୮୦ କୋଟି ବ୍ୟୟ ଧାର୍ଯ୍ୟ ହେଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱତନ୍ତ୍ର ଅତିଥିଭାବେ ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ। ନରସିଂହପୁର-ଗଣିଆ ଅଞ୍ଚଳକୁ ମହାନଦୀ ଉପରେ ଏକ ବ୍ରିଜ୍ ନିର୍ମାଣ ପାଇଁ ୨୦୨ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଏହା ନରସିଂହପୁରକୁ ଗଣିଆ ସହିତ ସଂଯୋଗ କରିବ ଏବଂ ସୋନପୁର, ବଲାଙ୍ଗିର ଆଦି ଜିଲ୍ଲାକୁ ଯାତାୟାତ ସୁଗମ ହେବ। ନରସିଂହପୁର-ବାଲିପୁଟ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଛି। ପ୍ରଶସ୍ତିକରଣ ବାବଦରେ ୧୪ କୋଟି ୭୫ ଲକ୍ଷ ଓ ସୁଦୃଢ଼ୀକରଣ ପାଇଁ ୫୨ କୋଟି ୭୭ ଲକ୍ଷ ଖର୍ଚ୍ଚ ହେବ। ନରସିଂହପୁର-ହିନ୍ଦୋଳ ରାସ୍ତାରେ ପ୍ରାୟ ୧୦ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତାର ପ୍ରଶସ୍ତିକରଣ କରାଯିବ। ବଡ଼ମ୍ବା ବ୍ଲକ ଗୋପପୁରଠାରୁ ଜଗତିକା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ପାଇଁ ୨୮ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଜଣାପଡ଼ିଛି। ବଡମ୍ବାସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ପୌରୋହିତ୍ୟ କରିଥିବା ବେଳେ ଅତିଥିଭାବେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ବଡ଼ମ୍ବା ବିଡିଓ ଡ. ଚିତ୍ତରଞ୍ଜନ ଦାସ, ନରସିଂହପୁର ବିଡିଓ ପ୍ରଜ୍ଞାୟାନନ୍ଦ ଶତପଥୀ, ନରସିଂହପୁର ତହସିଲଦାର ଅମ୍ରିତା ସାହୁ ଏବଂ ଅନ୍ୟାନ୍ୟ ଜନପ୍ରତିନିଧି ଓ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଜେକେବିକେ ମହାବିଦ୍ୟାଳୟର ୧୯୮୩-୮୫ ବ୍ୟାଚ୍ ବନ୍ଧୁମିଳନ



**କଟକ, ୧୩ା୧(ସମିସ):** ଭୁବନେଶ୍ୱରର ପଟିଆ ଗ୍ରୀନ୍ ମଣ୍ଡପଠାରେ ଜେକେବିକେ ମହାବିଦ୍ୟାଳୟର ୧୯୮୩-୮୫ ବ୍ୟାଚର ଛାତ୍ରଛାତ୍ରୀଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ପରେ ଏକାଠି ହୋଇଥିବା ପ୍ରାୟ ୪୦ ଜଣ ବନ୍ଧୁ ସେମାନଙ୍କ ପୁରୁଣା କଲେଜ ଜୀବନର ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଅବସରରେ ଆଖି ବୁଜିଥିବା ଦିବଙ୍ଗତ ବନ୍ଧୁମାନଙ୍କ ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପବିତ୍ରଭାନୁ ମିଶ୍ର, ବିରଜା ସାହୁ, ସଞ୍ଜୀବ ଚକ୍ରବର୍ତ୍ତୀ, ଚିନ୍ମୟ ଦାସ, ଜଗଜ୍ଜୀବନ ମହାପାତ୍ର ଏବଂ ନମିତା ବେହେରାଙ୍କ ପରିଚାଳନାରେ ଆୟୋଜିତ ଏହି ବନ୍ଧୁମିଳନରେ ପବିତ୍ରଭାନୁ ମିଶ୍ର, ଜଜ ମହାନ୍ତି, ଜଗଜ୍ଜୀବନ ମହାପାତ୍ର, ବିଲକେଶ ପରବୀନ ଏବଂ ଆହୁତି ସାହୁ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟପଟେ ସଞ୍ଜୀବ ଚକ୍ରବର୍ତ୍ତୀ ଏବଂ ଚିନ୍ମୟ ଦାସଙ୍କ ଦ୍ୱାରା ପ୍ରଦର୍ଶିତ 'ପେଟେଣ୍ଟ ମେଡ଼ିସିନ'ର ଏକ ନାଟ୍ୟ ଦୃଶ୍ୟ ସମସ୍ତଙ୍କ ମଧ୍ୟରେ ହସର ଜୁଆର ଭରି ଦେଇଥିଲା। ବିଦାୟ ନେଇଥିବା ବନ୍ଧୁ ଚିତ୍ରାଙ୍ଗଦା ଶତପଥୀଙ୍କ ସ୍ମୃତିରେ ମାନସ ପାଢ଼ୀଙ୍କ ଦ୍ୱାରା ଲିଖିତ ଗଳ୍ପ 'ଚିତ୍ରାଙ୍ଗଦା' ପାଠ କରାଯିବା ପରେ ପରିବେଶ କିଛି ସମୟ ପାଇଁ ଗମ୍ଭୀର ହୋଇଯାଇଥିଲା। କୈଳାସ ରାଉତଙ୍କ ହାସ୍ୟ ରସ ଓ କାହାଣୀ ସହିତ ସ୍ମୃତି ଅନୁଭୂତିର ଏହି ମିଳନ ପର୍ବ ସମାପ୍ତ ହୋଇଥିଲା।

